Keonjhar

ଓଡ଼ିଶା ସରକାର

ଓଡ଼ିଶାରେ କୃଷି ଉତ୍ପାଦନ କ୍ଲଷ୍ଟର ପ୍ରକଳ୍ପ (ଏ.ପି.ସି) ର ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ଚାଷବାସ

ସମ୍ବନ୍ଧୀୟ ପୁସ୍ତିକା

ସୌଜନ୍ୟ-ଉଦ୍ୟାନ କୃଷି ଉପନିର୍ଦ୍ଦେଶକ, କେନ୍ଦୁଝର



ବାଇଗଣ



- ବିହନ - ଅକ୍ସିତା, ଜେକେ ୮୦୩୧, ଜେକେ ୮୦୩୫, ଭିଏନଆର-ବି.ଆର ୫, ଭିଏନଆର-୨୧୨ ।
- ବିହନ ପରିମାଣ - ଏକର ପିଛା ୧୦୦ ଗ୍ରାମ ।
- ଲଗାଇବା ସମୟ - ଜୁନ, ଅକ୍ଟୋବର (ଖରିଫ)- ନଭେମ୍ବର, ଫେବୃୟାରୀ (ଶୀତ)।
- ତଳିଘରା ପ୍ରସ୍ତୁତି - ଗୁଣ୍ଡ ମାଟିରେ ଗୁଣ୍ଡଖତ ମିଶାଇ ୫ ଇଞ୍ଚ ଉଚ୍ଚତା ବିଶିଷ୍ଟ ୬ ଫୁଟ ଚଉଡା ଏବଂ ୧୦-୧୨ ଫୁଟ ଲମ୍ବା ପଟି ପ୍ରସ୍ତୁତ କରି ୧ ଇଞ୍ଚ ବ୍ୟବଧାନରେ ଧାଡି କାଟି ୦.୫ ଇଞ୍ଚ ବ୍ୟବଧାନରେ ମଞ୍ଜି ପକାନ୍ତୁ ।
- ଜମି ପ୍ରସ୍ତୁତି - ପ୍ରତି ୪, ୫ ଦିନ ବ୍ୟବଧାନରେ ୬ ରୁ ୭ ଥର ହଳ କରି ଗୁଣ୍ଡ ଚାଷ କରନ୍ତୁ ।
- ଦୂରତା - ଗଛ କୁ ଗଛ ଏବଂ ଧାଡି କୁ ଧାଡି ୩ଫୁଟ ।
- ଜଳ ପରିଚାଳନା - ପ୍ରତି ୮ ରୁ ୧୦ ଦିନରେ ଥରେ ଜଳସେଚନ କରନ୍ତୁ ।
- ଖତ ସାର ପରିଚାଳନା - ରୁଆ ସମୟରେ ଏକର ପିଛା ୧୦କି.ଗ୍ରା ଯବକ୍ଷାର, ୩୦ କ୍ରିଗା ଫସଫରସ ଓ ୧୦ କ୍ରି.ଗ୍ରା ପଟାସ ପ୍ରୟୋଗ କରାଯାଏ । ଏହାର ୨୦ ଏବଂ ୪୦ ଦିନ ପରେ ପ୍ରତିଥର ୨୦ କ୍ରିଗ୍ରା ଯବକ୍ଷାର ଓ ୨୦ କି.ଗ୍ରା ପଟାସ ପ୍ରୟୋଗ କରନ୍ତୁ ।
- ରୋଗ ପୋକ ଓ ତାର ପ୍ରତିକାର - କାଣ୍ଡବିନ୍ଧା ଓ ଫଳବିନ୍ଧା : ଏଭିସେଣ୍ଟ ୧୫ ଲିଟର ପାଣିରେ ୩ଗ୍ରାମ ଔଷଧ ମିଶାଇ ସ୍ପ୍ରେ କରନ୍ତୁ / ଆଗ୍ନେୟାସ୍ତ୍ର ୧୫ ଲିଟର ପାଣିରେ ୪୫୦ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ , ଝାଉଁଳା : ପ୍ରୋପିକୋନାଜୋଲ ଓ ପ୍ଲାନ୍ଟୋମାଇସିନ ଏଳର ପିଛା ୧୨୦ ଗ୍ରାମ ପ୍ଲାନ୍ଟୋମାଇସିନକୁ ୨୦୦ ମି.ଲି ପ୍ରୋପିକୋନାଜୋଲ ମିଶାଇ ସ୍ପ୍ରେ କରନ୍ତୁ, ମଠାସ୍ତ୍ର୧୫ ଲିଟର ପାଣିରେ ୫୦୦ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ, ମୂଳ ସଢା ରିଡୋମିଲ ଗୋଲଡ ଏକର ପିଛା ୪୦୦ ଗ୍ରାମ୍ ନର୍ସରୀରେ ସ୍ପ୍ରେ କରନ୍ତୁ ।
- ଅମଳ - ରୁଆର ୪୫-୬୦ ଦିନ ପରେ ପ୍ରତି ସପ୍ତାହକୁ ୨-୩ ଥର ତୋଳା ।
- ଉତ୍ପାଦନ - ଏକର ପିଛା ୮୦ ରୁ ୯୦ କ୍ୱିଣ୍ଟାଲ

ପ୍ରୋଗାମ ଦ୍ୱାରା ନିଆଯାଉଥିବା କିଛି ଅଭିନବ ପଦକ୍ଷେପ :

- ଉନ୍ନତ କିସମ, ଅମଳ ଦାୟୀ ଏବଂ ରୋଗ ପ୍ରତିରୋଧକ ବିହନ ଚୟନ ।
- ଆଧୁନିକ ପ୍ରଣାଳୀରେ ସାମୂହିକ ଭାବରେ ଚାରା ପ୍ରସ୍ତୁତି କରାଇବା ।
- ସ୍ଥିତି ଅନୁଯାୟୀ ପଞ୍ଜିକା ଅବଲମ୍ବନ କରି ଫସଲର ପରିଚାଳନା କରାଇବା ।
- ପ୍ରାକୃତିକ ପଦ୍ଧତିରେ ଜୈବିକ ଔଷଧ ଏବଂ ଯନ୍ତ୍ରା (ବିଭିନ୍ନ ପ୍ରକାରର ଟ୍ରାପ) ବ୍ୟବହାର କରି ରୋଗ ପୋକ ନିୟନ୍ତ୍ରଣ କରିବା ।
- ସାମୂହିକ ବଜାରୀକରଣ ସୁନିଶ୍ଚିତ କରାଇବା

କଲରା



- ବିହନ - ଆକାଶ, ଭି.ଏନ୍.ଆର୍-୨୮, ଭି.ଏନ୍.ଆର୍-୨୨୨, ଜେକେ ଚାମ୍ପ, ଜେକେ ଫ୍ରେସ୍ ।
- ବିହନ ପରିମାଣ - ଏକର ପିଛା ୧ କେଜି ।
- ଲଗାଇବା ସମୟ - ନଭେମ୍ବର, ଫେବୃଆରୀ ଏବଂ ମେ
- ଜମି ପ୍ରସ୍ତୁତି - ପ୍ରଥମ ହଳରେ ମାଟି କୁ ଗୁଣ୍ଡ କରନ୍ତୁ ଏବଂ ଦ୍ୱିତୀୟ ହଳରେ ମାଟି ରେ ଖତ ମିଶାଇ ନିମ୍ନ ବ୍ୟବଧାନରେ ଗାତ କରନ୍ତୁ ।
- ଦୂରତା - ଗଛକୁ ଗଛ ୪ଫୁଟ, ଧାଡି କୁ ଧାଡି ୬ଫୁଟ ।
- ଜଳ ପରିଚାଳନା - ପ୍ରତି ସପ୍ତାହକୁ ଥରେ ଜମିରେ ପାଣି ଦିଅନ୍ତୁ (ମାଟିର ଆଦ୍ରତା ଅନୁସାରେ) ।
- ଖତ ସାର ପରିଚାଳନା - ଲାଗିଲାବେଳେ ଏକର ପିଛା ୨୦-୩୦ କ୍ୱିଣ୍ଟାଲ କମ୍ପୋଷ୍ଟ, ୧୨ କି.ଗ୍ରା ଯବକ୍ଷାର, ୧୨ କି.ଗ୍ରା ଫସଫରସ ଏବଂ ୧୨ କି.ଗ୍ରା ପଟାସ ଦରକାର ।
- ରୋଗପୋକ ଓ ତାର ପ୍ରତିକାର - ଫଳମାଛି : ପ୍ରୋଫେନୋଫସ୍ ୧୫ ଲିଟର ପାଣିରେ ୫୦ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ / ଆଗ୍ନେୟାସ୍ତ୍ର ୧୫ ଲିଟର ପାଣିରେ ୪୫୦ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ, ପତ୍ରଦାଗ : କ୍ଲୋରୋଥାଲୋନିଲ୍ ୧୫ ଲିଟର ପାଣିରେ ୪୦ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ ।
- ଅମଳ - ଲଗାଇବାର ୪୫ ରୁ ୫୦ ଦିନ ପରେ, ସପ୍ତାହକୁ ଥରେ ଫଳ ତୋଳା ।
- ଉତ୍ପାଦନ - ଏକର ପିଛା ୪୫ ରୁ ୫୦ କ୍ୱିଣ୍ଟାଲ ।

ପ୍ରୋଗାମ ଦ୍ୱାରା ନିଆଯାଉଥିବା କିଛି ଅଭିନବ ପଦକ୍ଷେପ :

- ଉନ୍ନତ କିସମ, ଅମଳ ଦାୟୀ ଏବଂ ରୋଗ ପ୍ରତିରୋଧକ ବିହନ ଚୟନ ।
- ଟ୍ରେଲିସ୍ ପଦ୍ଧତିରେ କଲରା ଚାଷ କରାଇବା ।
- ସ୍ଥିତି ଅନୁଯାୟୀ ପଞ୍ଜିକା ଅବଲମ୍ବନ କରି ଫସଲର ପରିଚାଳନା କରାଇବା ।
- ପ୍ରାକୃତିକ ପଦ୍ଧତିରେ ଜୈବିକ ଔଷଧ ଏବଂ ଯନ୍ତ୍ରା (ବିଭିନ୍ନ ପ୍ରକାରର ଟ୍ରାପ) ବ୍ୟବହାର କରି ରୋଗ ପୋକ ନିୟନ୍ତ୍ରଣ କରିବା ।
- ସାମୂହିକ ବଜାରୀକରଣ ସୁନିଶ୍ଚିତ କରାଇବା

ବୋଇତାଳୁ



- ବିହନ - ଅର୍କ ସୂର୍ଯ୍ୟମୁଖି , ଅର୍କ ଚନ୍ଦନ, ଅର୍ଜୁନ, ଗୁଆମାଳ, କଳାଶିର ।
- ବିହନ ପରିମାଣ - ଏକର ପିଛା ୧ କେଜି ।
- ଲଗାଇବା ସମୟ - ମେ ରୁ ଜୁନ୍ ।
- ଜମି ପ୍ରସ୍ତୁତି - ଜମିକୁ ୪-୫ ଥର ଭଲ କରି ହଳ କରନ୍ତୁ । ଏହାପରେ ସେଥିରେ ଏଫୱାଇଏମ୍ ୧୦ କି.ଗ୍ରା, ନିମ ପିଡିଆ ୧ କି.ଗ୍ରା ପକାନ୍ତୁ ।
- ଦୂରତା - ୩୦ ସିଏମ୍ X ୩୦ ସିଏମ୍ X ୩୦ ସିଏମ୍ ଆକାରରେ ଗାତ ଖୋଳନ୍ତୁ , ମଝିରେ ୨ ମି X ୨ ମିର ବ୍ୟବଧାନ ଦିଅନ୍ତୁ ।
- ଜଳ ପରିଚାଳନା - ପ୍ରତି ସପ୍ତାହକୁ ଥରେ ଜମିରେ ପାଣି ଦିଅନ୍ତୁ (ମାଟିର ଆଦ୍ରତା ଅନୁସାରେ) ।
- ଖତ ସାର ପରିଚାଳନା - ଲାଗିଲା ବେଳେ ଏକର ପିଛା ୪୦ କି.ଗ୍ରା ଫସଫରସ୍ ଏବଂ ୨୦ କି.ଗ୍ରା ପଟାସ୍ ଦରକାର ।
- ରୋଗ ପୋକ ଓ ତାର ପ୍ରତିକାର - ଏଫିଡସ ଏବଂ ଥ୍ରୁଫସ୍: ଥାଇମେଥ୍ରୋକ୍ସାମ୍ ୫ଗ୍ରାମ/ ୧୫ଲିଟର, ଫଳ ମାଛି ପୋକରୁ ଫସଲକୁ ରକ୍ଷାକରିବା ପାଇଁ ନିମ୍ ତେଲର ସ୍ପ୍ରେ ୩.୦% ପ୍ରୟୋଗ କରାଯାଏ । ଡିନୋକାପ୍ ୧ ମିଲି/ ଲିଟର ସ୍ପ୍ରେ କରି ପାଉଡର ମିଲଡ୍ୟୁକୁ ନିୟନ୍ତ୍ରଣ କରାଯାଇପାରିବ କିମ୍ବା କାର୍ବେଣ୍ଡାଜିମ୍ ୦.୫ ଗ୍ରାମ/ଲିଟର । ସେହିପରି ଡାଉନି ମିଲଡ୍ୟୁକୁ ମନକୋଜେବ୍ କିମ୍ବା କ୍ଲୋରୋଥାଲିନିଲ୍ ୨ ଗ୍ରାମ ସ୍ପ୍ରେ କରି ନିୟନ୍ତ୍ରଣ କରାଯାଇ ପାରିବ । ୧୦ ଦିନ ବ୍ୟବଧାନରେ ଦୁଇଥର ।
- ଅମଳ - ଲଗାଇବାର ୮୦-୯୫ ଦିନ ପରେ ।
- ଉତ୍ପାଦନ - ଏକର ପିଛା ୭୦-୮୦କ୍ୱିଣ୍ଟାଲ ।

ପ୍ରୋଗାମ ଦ୍ୱାରା ନିଆଯାଉଥିବା କିଛି ଅଭିନବ ପଦକ୍ଷେପ :

- ଉନ୍ନତ କିସମ, ଅମଳ ଦାୟୀ ଏବଂ ରୋଗ ପ୍ରତିରୋଧକ ବିହନ ଚୟନ ।
- ଆଧୁନିକ ପ୍ରଣାଳୀରେ ସାମୂହିକ ଭାବରେ ଚାରା ପ୍ରସ୍ତୁତି କରାଇବା ।
- ସ୍ଥିତି ଅନୁଯାୟୀ ପଞ୍ଜିକା ଅବଲମ୍ବନ କରି ଫସଲର ପରିଚାଳନା କରାଇବା ।
- ପ୍ରାକୃତିକ ପଦ୍ଧତିରେ ଜୈବିକ ଔଷଧ ଏବଂ ଯନ୍ତ୍ରା (ବିଭିନ୍ନ ପ୍ରକାରର ଟ୍ରାପ) ବ୍ୟବହାର କରି ରୋଗ ପୋକ ନିୟନ୍ତ୍ରଣ କରିବା ।
- ସାମୂହିକ ବଜାରୀକରଣ ସୁନିଶ୍ଚିତ କରାଇବା

ଟମାଟୋ



- ବିହନ - ଅର୍କ ରକ୍ଷକ, ଜେକେ ୪୪୭, ନାମଧାରୀ, ସିଙ୍ଗେଣ୍ଟା - ୧୭, ଭାଣି, ଜେକେ ଦେଶୀ ।
- ବିହନ ପରିମାଣ - ଏକର ପିଛା ୧୦୦ ଗ୍ରାମ ।
- ଲଗାଇବା ସମୟ - ମେ, ଅଗଷ୍ଟ, ସେପ୍ଟେମ୍ବର ।
- ତଳିଘରା ପ୍ରସ୍ତୁତି - ଗୁଣ୍ଡ ମାଟିରେ ଗୁଣ୍ଡ ଖତ ମିଶାଇ ୬ ଇଞ୍ଚ ଉଚ୍ଚତା ବିଶିଷ୍ଟ ୩ଫୁଟ ଚଉଡା ଏବଂ ୧୦ରୁ ୧୨ ଫୁଟ ଲମ୍ବା ପଟି ପ୍ରସ୍ତୁତ କରନ୍ତୁ । ୧ ଇଞ୍ଚ ବ୍ୟବଧାନରେ ଧାଡି କାଟି ୦.୫ଇଞ୍ଚ ବ୍ୟବଧାନରେ ମଞ୍ଜି ପକାନ୍ତୁ ।
- ପ୍ରତିରୋପଣ ସମୟ - ବିହନର ୨୦ ରୁ ୨୨ ଦିନ ପରେ ।
- ଜମି ପ୍ରସ୍ତୁତି - ପ୍ରତି ୪ରୁ ୫ ଦିନ ବ୍ୟବଧାନରେ ୬-୭ ଥର ହଳ କରି ଗୁଣ୍ଡ ଚାଷ କରନ୍ତୁ ।
- ଦୂରତା - ଧାଡି କୁ ଧାଡି ଏବଂ ଗଛକୁ ଗଛ ୨-୨.୫ ଫୁଟ ।
- ଜଳ ପରିଚାଳନା - ଗଛର ଅବସ୍ଥା ଦେଖି ସପ୍ତାହକୁ ୨ ଥର ।
- ଖତ ସାର ପରିଚାଳନା - ରୁଆ ସମୟରେ ଏକର ପିଛା ୧୦ କି.ଗ୍ରା ଯବକ୍ଷାର, ୨୦ କି.ଗ୍ରା ଫସଫରସ ଓ ୮ କି.ଗ୍ରା ପଟାସ ପ୍ରୟୋଗ କରାଯାଏ ।ଏହାର ୧୫ ଏବଂ ୩୦ ଦିନ ପରେ ପ୍ରତିଥର ୨୦ କି.ଗ୍ରା ଯବକ୍ଷାର ଓ ୧୬ କି.ଗ୍ରା ପଟାସ୍ ପ୍ରୟୋଗ କରନ୍ତୁ ।
- ରୋଗପୋକ ଓ ତାର ପ୍ରତିକାର - କାଣ୍ଡବିନ୍ଧା ଓ ଫଳବିନ୍ଧା : ଏଭିସେଣ୍ଟ୍ ୧୫ ଲିଟର ପାଣିରେ ୩ ଗ୍ରାମ ଔଷଧ ମିଶାଇ ସ୍ପ୍ରେ କରନ୍ତୁ /ଆଗ୍ନେୟାସ୍ତ୍ର ୧୫ ଲିଟର ପାଣିରେ ୪୫୦ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ, ଝାଉଁଳା : ପ୍ରୋପିକୋନାଜୋଲ ଓ ପ୍ଲାନ୍ଟୋମାଇସିନ ଏକର ପିଛା ୧୨୦ ଗ୍ରାମ ପ୍ଲାନ୍ଟୋମାଇସିନକୁ ୨୦୦ ମି.ଲି ପ୍ରୋପିକୋନାଜୋଲ ମିଶାଇ ସ୍ପ୍ରେ କରନ୍ତୁ / ମଠାସ୍ତ୍ର ୧୫ ଲିଟର ପାଣିରେ ୫୦୦ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ , ମୂଳ ସଡା ରିଡୋମିଲ ଗୋଲଡ ଏକର ପିଛା ୪୦୦ ଗ୍ରାମ୍ ନର୍ସରୀରେ ସ୍ପ୍ରେ କରନ୍ତୁ ।
- ଅମଳ - ରୁଆର ୫୦-୬୦ ଦିନ ଭିତରେ ଫଳ ଆସିଥାଏ, ସପ୍ତାହକୁ ୨ଥର ତୋଳା ।
- ଉତ୍ପାଦନ - ଏକରପିଛା ୧୫୦ କ୍ୱିଣ୍ଟାଲ ।

ପ୍ରୋଗାମ ଦ୍ୱାରା ନିଆଯାଉଥିବା କିଛି ଅଭିନବ ପଦକ୍ଷେପ :

- ଉନ୍ନତ କିସମ, ଅମଳ ଦାୟୀ ଏବଂ ରୋଗ ପ୍ରତିରୋଧକ ବିହନ ଚୟନ ।
- ଆଧୁନିକ ପ୍ରଣାଳୀରେ ସାମୂହିକ ଭାବରେ ଚାରା ପ୍ରସ୍ତୁତି କରାଇବା ।
- ରଙ୍ଗା (ଷ୍ଟକିଙ୍ଗ) ପଦ୍ଧତିରେ ଟମାଟୋର ଚାଷ କରାଇବା ।
- ସ୍ଥିତି ଅନୁଯାୟୀ ପଞ୍ଜିକା ଅବଲମ୍ବନ କରି ଫସଲର ପରିଚାଳନା କରାଇବା ।
- ପ୍ରାକୃତିକ ପଦ୍ଧତିରେ ଜୈବିକ ଔଷଧ ଏବଂ ଯନ୍ତ୍ରା (ବିଭିନ୍ନ ପ୍ରକାରର ଟ୍ରାପ) ବ୍ୟବହାର କରି ରୋଗ ପୋକ ନିୟନ୍ତ୍ରଣ କରିବା ।
- ସାମୂହିକ ବଜାରୀକରଣ ସୁନିଶ୍ଚିତ କରାଇବା

ଲଙ୍କା



- ବିହନ - ସମର୍ଥ, ଭି.ଏନ୍.ଆର ୩୦୫, ସେମିନିସ୍-ସିଆମ ହଟ୍, ମାହିକୋ, ଭି.ଏନ୍.ଆର ୧୪୫, ଇତ୍ୟାଦି ।
- ବିହନ ପରିମାଣ - ଏକର ପିଛା ୧୦୦ ଗ୍ରାମ ।
- ଲଗାଇବା ସମୟ - ଫେବୃଆରୀ, ମେ ଏବଂ ସେପ୍ଟେମ୍ବର ।
- ତଳିଘରା ପ୍ରସ୍ତୁତି - ଗୁଣ୍ଡ ମାଟିରେ ଗୁଣ୍ଡଖତ ମିଶାଇ ୫ ଇଞ୍ଚ ଉଚ୍ଚତା ବିଶିଷ୍ଟ ୩ ଫୁଟ ଚଉଡା ଏବଂ ୧୦ ଫୁଟ ଲମ୍ବା ପଟି ପ୍ରସ୍ତୁତ କରନ୍ତୁ । ୧ ଇଞ୍ଚ ବ୍ୟବଧାନରେ ଧାଡି କାଟି ୦.୫ ଇଞ୍ଚ ବ୍ୟବଧାନରେ ମଞ୍ଜି ପକାନ୍ତୁ ।
- ଦୂରତା - ଗଛ କୁ ଗଛ ଏବଂ ଧାଡି କୁ ଧାଡି ଦୂରତା ୨ ଫୁଟ X ୧.୫ ଫୁଟ ।
- ଜଳ ପରିଚାଳନା - ବିଲର ପାଗ ଦେଖି ପ୍ରତି ୧୦ ରୁ ୧୨ ଦିନ ଅନନ୍ତରରେ ପାଣିଦେବା ଉଚିତ ।
- ଖତ ସାର ପରିଚାଳନା - ଲଙ୍କାମରିଚ ଫସଲ ପାଇଁ ଏକ ଏକରକୁ ପ୍ରାୟ ୫୦ କ୍ୱିଣ୍ଟାଲ ଭଲ ଖତ ଦେବା ଉଚିତ୍ । ଏହା ବ୍ୟତୀତ ୪୮ କି.ଗ୍ରା ଯବକ୍ଷାର, ୨୦କି.ଗ୍ରା ଫସଫରସ୍ ଓ ୩୦ କି.ଗ୍ରା ପଟାସ ଦରକାର ହୋଇଥାଏ । ଏହି ସାରରୁ ତଳି ରୋଇବା ସମୟରେ ସବୁ ଫସ୍‌ଫରସ୍, ଶତକଡ଼ା ୨୦ ଭାଗ ଯବକ୍ଷାର ଓ ପଟାସ୍ ସାର ଦିଅନ୍ତୁ । ଅବଶିଷ୍ଟ ଯବକ୍ଷାର ଓ ପଟାସ ଜାତୀୟ ସାରକୁ ୨ ଥର କରି ୧୫ ରୁ ୨୦ ଦିନରେ ଓ ୩୦-୪୦ ଦିନ ପରେ ପ୍ରୟୋଗ କରନ୍ତୁ ।
- ରୋଗପୋକ ଓ ତାର ପ୍ରତିକାର - କାଣ୍ଡବିନ୍ଧା ଓ ଫଳବିନ୍ଧା : ଏଭିସେଣ୍ଟ୍ ୧୫ ଲିଟର ପାଣିରେ ୩ଗ୍ରାମ ଔଷଧ ମିଶାଇ ସ୍ପ୍ରେ କରନ୍ତୁ / ଆଗ୍ନେୟାସ୍ତ୍ର ୧୫ ଲିଟର ପାଣିରେ ୪୫୦ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ, ଝାଉଁଳା, ସଢ଼ିଯିବା, ପଚା: ଆମିଷ୍ଟାର୧୫ ଲିଟର ପାଣିରେ ୧୫ ମି.ଲି. ଔଷଧ ମିଶାଇ ସ୍ପ୍ରେ କରନ୍ତୁ / ମଠାସ୍ତ୍ର ୧୫ ଲିଟର ପାଣିରେ ୫୦୦ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ, ମୂଳ ସଡ଼ା ରିଡୋମିଲ୍ ଗୋଲଡ଼ ଏକର ପିଛା ୪୦୦ ଗ୍ରାମ୍ ନର୍ସରୀରେ ସ୍ପ୍ରେ କରନ୍ତୁ ।
- ଅମଳ - ମଞ୍ଜି ଲଗାଇବାର ୯୦ ରୁ ୧୦୦ ଦିନ ପରେ କଞ୍ଚାଲଙ୍କା ଅମଳ ହୋଇଥାଏ ଏବଂ ୧୨୫ ରୁ ୧୪୫ ଦିନ ମଧ୍ୟରେ ପାଚିଲା ଲଙ୍କା ଅମଳ କରାଯାଏ ।
- ଉତ୍ପାଦନ - କଞ୍ଚାଲଙ୍କାର ଏକର ପ୍ରତି ୨୦ ରୁ ୨୨ କ୍ୱିଣ୍ଟାଲ ଓ ଶୁଖିଲା ଲଙ୍କା ୮ ରୁ ୯ କ୍ୱିଣ୍ଟାଲ ଅମଳ ମିଳିଥାଏ ।

ପ୍ରୋଗାମ ଦ୍ୱାରା ନିଆଯାଉଥିବା କିଛି ଅଭିନବ ପଦକ୍ଷେପ :

- ଉନ୍ନତ କିସମ, ଅମଳ ଦାୟୀ ଏବଂ ରୋଗ ପ୍ରତିରୋଧକ ବିହନ ଚୟନ ।
- ଆଧୁନିକ ପ୍ରଣାଳୀରେ ସାମୂହିକ ଭାବରେ ଚାରା ପ୍ରସ୍ତୁତି କରାଇବା ।
- ସ୍ଥିତି ଅନୁଯାୟୀ ପଞ୍ଜିକା ଅବଲୟନ କରି ଫସଲର ପରିଚାଳନା କରାଇବା ।
- ପ୍ରାକୃତିକ ପଦ୍ଧତିରେ ଜୈବିକ ଔଷଧ ଏବଂ ଯନ୍ତ୍ର (ବିଭିନ୍ନ ପ୍ରକାରର ଟ୍ରାପ) ବ୍ୟବହାର କରି ରୋଗ ପୋକ ନିୟନ୍ତ୍ରଣ କରିବା ।
- ସାମୂହିକ ବଜାରୀକରଣ ସୁନିଶ୍ଚିତ କରାଇବା

ପୋଟଳ



- ବିହନ - ସ୍ୱର୍ଣ୍ଣରେଖା, ସୁରୁଚି ।
- ବିହନ ପରିମାଣ - ଏକର ପିଛା ୭୦୦୦-୮୦୦୦ କନ୍ଦା ।
- ମାଇ ଗଛ - ଅଣ୍ଡିରା ଗଛ ଅନୁପାତ - ୧୦:୧
- ଲଗାଇବା ସମୟ - ଡିସେମ୍ବର, ଜାନୁଆରୀ ।
- ଜମି ପ୍ରସ୍ତୁତି ଓ ରୋପଣ - ୧.୫ ଫୁଟ ଗଭୀର ଗାତ ଖୋଳନ୍ତୁ, ସେଥିରେ ଅଳିଆ ପକେଇ ନିଆଁ ଲଗାନ୍ତୁ, ତାପରେ ପଟୁ ମାଟି ସାଙ୍ଗରେ ଖତ ମିଶାଇ ଗାତ ପୂରଣ କରନ୍ତୁ ଆଉ ଗାତକୁ ପାଣିରେ ଫୁଲ କରି ଦିଅନ୍ତୁ । ୫ ରୁ ୬ ଦିନ ପରେ କଟାଯାଇଥିବା କନ୍ଦା ଗୁଡିକୁ ମାଟିରେ ପୋତି ଦିଅନ୍ତୁ । ଗାତ ପିଛା ୨ ଟି କନ୍ଦା ଆବଶ୍ୟକ ହୋଇଥାଏ ।
- ଦୂରତା - ଗଛକୁ, ଧାଡି କୁ ଧାଡି ୪ ରୁ ୫ ଫୁଟ ।
- ଜଳ ପରିଚାଳନା - କନ୍ଦା ପୋତାର ପ୍ରତି ୨-୩ ଦିନ ପରେ ଜଳ ସେଚନ ।
- ଘାସ ପରିଚାଳନା - କନ୍ଦା ପୋତାର ମାସେ ପରେ କୋଡା ଖୋଷା ଏବଂ ମୂଳରେ ପତଳା ରଞ୍ଜା ଦିଅନ୍ତୁ ।
- ଖତ ସାର ପରିଚାଳନା - ଲଗାଇବା ସମୟରେ ଏକର ପିଛା ୩୦ ରୁ ୪୦ କ୍ୱିଣ୍ଟାଲ ଏଫ.ୟୁ.ଏମ୍, ୧୬ କି.ଗ୍ରା ଯବକ୍ଷାର, ୩୨ କି.ଗ୍ରା ଫସଫରସ ଏବଂ ୧୬ କି.ଗ୍ରା ପଟାସ ଦେବାକୁ ପଡେ ।
- ରୋଗପୋକ ଓ ତାର ପ୍ରତିକାର - କାଙ୍କଡିଆ ପୋକ ଲାଗିଲେ ପ୍ରୋଫେନୋଫସ୍ ୫୦ ମି.ଲିକୁ ୧୫ ଲିଟର ପାଣିରେ ମିଶେଇ ପ୍ରୟୋଗ କରନ୍ତୁ ଏବଂ ପତ୍ର ପୋଡା ରୋଗପାଇଁ ୪୦ ମି.ଲି. କ୍ଲୋରୋଥାଲୋନିଲ୍ କୁ ୧୫ ଲିଟର ପାଣିରେ ମିଶେଇ ପ୍ରୟୋଗ କରନ୍ତୁ ।
- ଉତ୍ପାଦନ - ଏକର ପିଛା ୪୦ ରୁ ୫୦ କ୍ୱିଣ୍ଟାଲ ।

ପ୍ରୋଗାମ ଦ୍ୱାରା ନିଆଯାଉଥିବା କିଛି ଅଭିନବ ପଦକ୍ଷେପ :

- ଉନ୍ନତ କିସମ, ଅମଳ ଦାୟୀ ଏବଂ ରୋଗ ପ୍ରତିରୋଧକ ବିହନ ଚୟନ ।
- ସ୍ଥିତି ଅନୁଯାୟୀ ପଞ୍ଜିକା ଅବଲମ୍ବନ କରି ଫସଲର ପରିଚାଳନା କରାଇବା ।
- ପ୍ରାକୃତିକ ପଦ୍ଧତିରେ ଜୈବିକ ଔଷଧ ଏବଂ ଯନ୍ତ୍ରା (ବିଭିନ୍ନ ପ୍ରକାରର ଟ୍ରାପ) ବ୍ୟବହାର କରି ରୋଗ ପୋକ ନିୟନ୍ତ୍ରଣ କରିବା ।
- ସାମୂହିକ ବଜାରୀକରଣ ସୁନିଶ୍ଚିତ କରାଇବା

ଝୁଡୁଙ୍ଗ



- ବିହନ - କେତକୀ, କାଶି ।

  ବ୍ରଶ କାଓପି - କାଶିକାଞ୍ଚନ, ସିଙ୍ଗେଣ୍ଟା ଓ୍ୱାଇ.ବି-୭, ପୁସା ସୁକୋମଳ

  କ୍ରିପର - କିଶାନ, ଅର୍କ ଗରିମା, ଅମେରିକାନ ଲଙ୍ଗ, କାଶି ସମୃଦ୍ଧି
- ବିହନ ପରିମାଣ - ୧.୫ ରୁ ୨ କିଗ୍ରା ଏକର ପିଛା ।
- ଲଗାଇବା ସମୟ - ଜୁନ୍ - ଜୁଲାଇ, ଜାନୁଆରୀ ।
- ଜମି ପ୍ରସ୍ତୁତି - ୩ଥର ହଳ, ପ୍ରଥମ ହଳର ୮ ଦିନ ପରେ ଦ୍ୱିତୀୟ ହଳ, ୪ ଇଞ୍ଚ ଗଭୀର ବିଶିଷ୍ଟ ଗାତ ଖୋଳି ସେଥିରେ ଖତ, ସାର ମିଶାଇ ଗାତ ପିଛା ୩ ରୁ ୪ ଟା ମଞ୍ଜି ।
- ଦୂରତା - ଧାଡି କୁ ଧାଡି ୩ ରୁ ୩.୫ ଫୁଟ, ଗଛକୁ ଗଛ ୨ ରୁ ୨.୫ ଫୁଟ ।
- ଜଳ ପରିଚାଳନା - ମାଟିର ବତର ଦେଖିକି ୬-୭ ଦିନକୁ ଥରେ ।
- ଖତ ସାର ପରିଚାଳନା - ବୁଣିବା ସମୟରେ ଏକର ପିଛା ୩୦ ରୁ ୪୦ କ୍ୱିଣ୍ଟାଲ ଏଫ.ଓ୍ୱାଇ.ଏମ୍, ୧୦ କି.ଗ୍ରା ଯବକ୍ଷାର, ୨୦ କି.ଗ୍ରା ଫସଫରସ୍ ଏବଂ ୧୦ କି.ଗ୍ରା ପଟାସ ଦରକାର ।
- ରୋଗପୋକ ଓ ତାର ପ୍ରତିକାର - ଜଉପୋକ ଲାଗିଲେ ୭ ମି.ଲି ଇମିଡାକ୍ଲୋପ୍ରିଡ଼ କୁ ୧୫ ଲିଟର ପାଣିରେ ମିଶେଇ ପ୍ରୟୋଗ କରନ୍ତୁ ଏବଂ କଳଙ୍କି ରୋଗ କବଳରୁ ରକ୍ଷା ପଇବା ପାଇଁ ୧ କି.ଗ୍ରା କ୍ରିସ୍ଲଫ୍ ଗୁଣ୍ଡର ପ୍ରୟୋଗ କରନ୍ତୁ ।
- ଅମଳ ଓ ଅମଳ ପରବର୍ତ୍ତୀ ଯତ୍ନ - ୪୫ ଦିନ ପରେ, ପ୍ରତି ୧-୨ ଦିନ ବ୍ୟବଧାନରେ ଫଳ ତୋଳନ୍ତୁ ।
- ଉତ୍ପାଦନ - ଏକର ପିଛା ୩୫ କ୍ୱିଣ୍ଟାଲ ।

ପ୍ରୋଗାମ ଦ୍ୱାରା ନିଆଯାଉଥିବା କିଛି ଅଭିନବ ପଦକ୍ଷେପ :

- ଉନ୍ନତ କିସମ, ଅମଳ ଦାୟୀ ଏବଂ ରୋଗ ପ୍ରତିରୋଧକ ବିହନ ଚୟନ ।
- ସ୍ଥିତି ଅନୁଯାୟୀ ପଞ୍ଜିକା ଅବଲମ୍ବନ କରି ଫସଲର ପରିଚାଳନା କରାଇବା ।
- ପ୍ରାକୃତିକ ପଦ୍ଧତିରେ ଜୈବିକ ଔଷଧ ଏବଂ ଯନ୍ତ୍ରା (ବିଭିନ୍ନ ପ୍ରକାରର ଟ୍ରାପ) ବ୍ୟବହାର କରି ରୋଗ ପୋକ ନିୟନ୍ତ୍ରଣ କରିବା ।
- ସାମୂହିକ ବଜାରୀକରଣ ସୁନିଶ୍ଚିତ କରାଇବା

ଭେଣ୍ଡି



- ବିହନ - ରାଧିକା, ଅର୍କ ଅନନମିକ୍ଷା, ବିନ୍ଦୁ ।
- ବିହନ ପରିମାଣ - ଏକର ପିଛା ୧ ରୁ ୧.୫ କେଜି ।
- ଲଗାଇବା ସମୟ - ଜୁନ୍ ଏବଂ ଡିସେମ୍ବର ।
- ଜମି ପ୍ରସ୍ତୁତି - ଜମିକୁ ୪-୫ ଥର ହଳ କରନ୍ତୁ ଏବଂ ୩୦ ରୁ ୪୦ କ୍ୱିଣ୍ଟାଲ ଏଫ.ୟୁ.ଏମ୍ ପକାନ୍ତୁ, ନିମ କେକ୍ ୧ କେଜି, ସଫର ଫସଫେଟ ୧୦୦ ଗ୍ରାମ ଏବଂ ଫୁଡନ ୧୦ ଗ୍ରାମ/ସ୍କ୍ୱୟାର ମିଟର ପ୍ରତି ଶେଷ ହଳ ସମୟରେ ପକାନ୍ତୁ ।
- ଦୂରତା - ଗଛ କୁ ଗଛ ଏବଂ ଧାଡି କୁ ଧାଡି ଦୂରତା ୨ ଫୁଟ ଘ ୧.୫ ଫୁଟ ।
- ଜଳ ପରିଚାଳନା - ପ୍ରତି ସପ୍ତାହକୁ ଥରେ ଜମିରେ ପାଣି ଦିଅନ୍ତୁ (ମାଟିର ଆଦ୍ରତା ଉପରେ ଆଧାର କରି)।
- ଖତ ସାର ପରିଚାଳନା - ଲାଗିଲାବେଳେ ଏକର ପିଛା ୧୦ କି.ଗ୍ରା ଯବକ୍ଷାର, ୨୦ କି.ଗ୍ରା ଫସଫରସ ଏବଂ ୧୨ କି.ଗ୍ରା ପଟାସ୍ ଦରକାର ।
- ରୋଗପୋକ ଓ ତାର ପ୍ରତିକାର - ଫଳ ବୋରର୍ସ : ବାସିଲସ୍ ଥୁରିଙ୍ଗିଜେନିସ୍ ୨ଗ୍ରାମ/ଲିଟର, ଧଳା ମାଛି ଏବଂ ଆପିଡସ୍ କୁ ନିୟନ୍ତ୍ରଣ କରିବା ପାଇଁ ଡିମଥୋଏଟ୍ ୩୦ ଇସି ୨ ମିଲି ଲିଟର/ ଲିଟକୁ ନିମ ସିଡ୍ କର୍ଣ୍ଣଲ ଏକ୍ସଟ୍ରାକ୍ଟ ସହିତ ମିଶାଇ ସ୍ପ୍ରେ କରନ୍ତୁ । ପାଉଡର ମୃଦୁ ରୋଗ ପାଇଁ କାର୍ବେଣ୍ଡାଜିମ୍ ୧ଗ୍ରାମ/ଲିଟର ।
- ଅମଳ - ଲଗାଇବାର ୪୫-୫୦ ଦିନପରେ, ୧-୨ ଦିନ ବ୍ୟବଧାନ ।
- ଉତ୍ପାଦନ - ଏକର ପିଛା ୪୫-୫୦ କ୍ୱିଣ୍ଟାଲ ।

ପ୍ରୋଗାମ ଦ୍ୱାରା ନିଆଯାଉଥିବା କିଛି ଅଭିନବ ପଦକ୍ଷେପ :

- ଉନ୍ନତ କିସମ, ଅମଳ ଦାୟୀ ଏବଂ ରୋଗ ପ୍ରତିରୋଧକ ବିହନ ଚୟନ ।
- ଆଧୁନିକ ପ୍ରଣାଳୀରେ ସାମୂହିକ ଭାବରେ ଚାରା ପ୍ରସ୍ତୁତି କରାଇବା ।
- ସ୍ଥିତି ଅନୁଯାୟୀ ପଞ୍ଜିକା ଅବଲମ୍ବନ କରି ଫସଲର ପରିଚାଳନା କରାଇବା ।
- ପ୍ରାକୃତିକ ପଦ୍ଧତିରେ ଜୈବିକ ଔଷଧ ଏବଂ ଯନ୍ତ୍ରା (ବିଭିନ୍ନ ପ୍ରକାରର ଟ୍ରାପ) ବ୍ୟବହାର କରି ରୋଗ ପୋକ ନିୟନ୍ତ୍ରଣ କରିବା ।
- ସାମୂହିକ ବଜାରୀକରଣ ସୁନିଶ୍ଚିତ କରାଇବା

ଜହ୍ନି



- ବିହନ - ଆରତୀ, ଭିନାୟକ, ପଲ୍ଲଭୀ ।
- ବିହନ ପରିମାଣ - ଏକର ପିଛା ୪୦୦ ରୁ ୫୦୦ ଗ୍ରାମ/ ଏକର ।
- ଲଗାଇବା ସମୟ - ଜୁନ୍, ଜୁଲାଇ ।
- ଜମି ପ୍ରସ୍ତୁତି - ଜମିକୁ ୪-୫ଥର ମାଟି ନରମ ପର୍ଯ୍ୟନ୍ତ ଭଲ କରି ହଳ କରନ୍ତୁ ଏବଂ ଏଫ୍‌ୟ୍ୟୁଏମ୍ ୧୦୦୦ କେଜି ପକାନ୍ତୁ । ଦୂରତା - ୩୦ ସେମି X ୩୦ ସେମି X ୩୦ ସେମି ଆକାରରେ ଗାତ ଖୋଳନ୍ତୁ ୨X୨ମି ବ୍ୟବଧାନରେ ।
- ଜଳ ପରିଚାଳନା - ୪-୭ ଦିନ ବ୍ୟବଧାନରେ ଥରେ ଜମିରେ ପାଣି ଦିଅନ୍ତୁ ।
- ଖତ ସାର ପରିଚାଳନା - ଲାଗିଲା ବେଳେ ଏକର ପିଛା ୩୦ ରୁ ୪୦ କ୍ୱିଣ୍ଟାଲ ଏଫ.ୟ୍ୱାଇ.ଏମ୍, ୧୦୦ କି.ଗ୍ରା ଯବକ୍ଷାର, ୪୦ କି.ଗ୍ରା ଫସଫରସ୍ ଏବଂ ୪୦ କି.ଗ୍ରା ପଟାସ ଦରକାର ।
- ରୋଗପୋକ ଓ ତାର ପ୍ରତିକାର - ପୋକ, ଫଳ ମାଛି ଏବଂ କୀଟ ପତଙ୍ଗ : ସ୍ପ୍ରେ ଡିକ୍ଲୋରଭୋସ୍ ୭୬% ଇସି ୬.୫ ମିଲି/୧୦ ଲିଟର କିମ୍ବା ଟ୍ରାଇକ୍ଲୋରୋଫନ୍ ୫୦% ଇସି ୧.୦ ମିଲି/ଲିଟର । ଡିନୋକାପ୍ ୧ ମିଲି / ଲିଟର କିମ୍ବା କାର୍ବେଣ୍ଡାଜିମ୍ ୦.୫ ଗ୍ରାମ/ଲିଟର ସ୍ପ୍ରେ କରି ପାଉଡରି ମିଲଡ୍ୟୁକୁ ନିୟନ୍ତ୍ରଣ କରାଯାଇପାରିବ ।
  ଡାଉନି ମିଲଡ୍ୟୁକୁ ମନକୋଜେବ୍ କିମ୍ବା କ୍ଲୋରୋଥାଲୋନିଲ୍ ୨ ଗ୍ରାମ / ଲିଟର ସ୍ପ୍ରେ କରି ନୟନ୍ତ୍ରଣ କରାଯାଇପାରିବ । ୧୦ ଦିନ ବ୍ୟବଧାନରେ ଦୁଇଥର ।
- ଅମଳ - ଲଗାଇବାର ୪୦-୬୦ ଦିନ ପରେ ।
- ଉତ୍ପାଦନ - ଏକର ପିଛା ୫୦-୬୦ କ୍ୱିଣ୍ଟାଲ ।

ପ୍ରୋଗାମ ଦ୍ୱାରା ନିଆଯାଉଥିବା କିଛି ଅଭିନବ ପଦକ୍ଷେପ :

- ଉନ୍ନତ କିସମ, ଅମଳ ଦାୟୀ ଏବଂ ରୋଗ ପ୍ରତିରୋଧକ ବିହନ ଚୟନ ।
- ଆଧୁନିକ ପ୍ରଣାଳୀରେ ସାମୂହିକ ଭାବରେ ଚାରା ପ୍ରସ୍ତୁତି କରାଇବା ।
- ସ୍ଥିତି ଅନୁଯାୟୀ ପଞ୍ଜିକା ଅବଲମ୍ବନ କରି ଫସଲର ପରିଚାଳନା କରାଇବା ।
- ପ୍ରାକୃତିକ ପଦ୍ଧତିରେ ଜୈବିକ ଔଷଧ ଏବଂ ଯନ୍ତ୍ରା (ବିଭିନ୍ନ ପ୍ରକାରର ଟ୍ରାପ) ବ୍ୟବହାର କରି ରୋଗ ପୋକ ନିୟନ୍ତ୍ରଣ କରିବା ।
- ସାମୂହିକ ବଜାରୀକରଣ ସୁନିଶ୍ଚିତ କରାଇବା

ପିଆଜ



- ବିହନ - ଭୀମ ଶକ୍ତି, ଭୀମ ଶୁଭ୍ରା, ସ୍ଥାନୀୟ କିସମ ।
- ବିହନ ପରିମାଣ - ଏକର ପିଛା ୪ କିଗ୍ରା ।
- ନର୍ସରୀ ଯୋଜନା ପ୍ରତିରୋପଣର ଏକ ମାସ ପରେ ।
- ଲଗାଇବା ସମୟ - ନଭେମ୍ବର ୧୫ ରୁ ।
- ଜମି ପ୍ରସ୍ତୁତି - ୩ ରୁ ୪ ଥର ହଳ କରି ମାଟି କୁ ଭଲ ଭାବରେ ଗୁଣ୍ଡ କରି ଜମି ପ୍ରସ୍ତୁତି କରନ୍ତୁ ।
- ଦୂରତା - ଧାଡି କୁ ଧାଡି ୧୫ ସେ.ମି, ଗଛ କୁ ଗଛ ୬ ସେ.ମି ।
- ଜଳ ପରିଚାଳନା - ପ୍ରତି ୨ ସପ୍ତାହ ରେ ଥରେ ।
- ଖତ ସାର ପରିଚାଳନା - ରୁଆ ର ୪ ଦିନ ପରେ ପାଉଁଶ ପ୍ରୟୋଗ କରନ୍ତୁ, କୋଡା ଖୋଷା ର ୨-୩ ଦିନ ପରେ ଏକର ପିଛା ୨୦-୩୦ କି.ଗ୍ରା ଯବକ୍ଷାର, ରୁଆ ବେଳେ ଏକର ପିଛା ୧୦-୧୨ କି.ଗ୍ରା ଫସଫରସ୍ ଏବଂ ଏକର ପିଛା ୧୦-୧୨ କି.ଗ୍ରା ପଟାସ ।
- ରୋଗ ଓ ତାର ପ୍ରତିକାର - ପତ୍ର ପୋଡା ରୋଗ ହେଲେ ୧୫ ଲିଟର ପାଣିରେ ୩୦ ମି.ଲି ଆମିଷ୍ଟାର ଓପଟି ମିସେଇ ପ୍ରୟୋଗ କରନ୍ତୁ ।
- ଅମଳ - ୫ ରୁ ୬ ମାସ ପରେ ପିଆଜ ଖୋଲି କାଢିଦିଅନ୍ତୁ ।
- ଉତ୍ପାଦନ - ଏକର ପିଛା ୬୦ କ୍ୱିଣ୍ଟାଲ ।

ପ୍ରୋଗାମ ଦ୍ୱାରା ନିଆଯାଉଥିବା କିଛି ଅଭିନବ ପଦକ୍ଷେପ :

- ଉନ୍ନତ କିସମ, ଅମଳ ଦାୟୀ ଏବଂ ରୋଗ ପ୍ରତିରୋଧକ ବିହନ ଚୟନ ।
- ଆଧୁନିକ ପ୍ରଣାଳୀରେ ସାମୂହିକ ଭାବରେ ଚାରା ପ୍ରସ୍ତୁତି କରାଇବା ।
- ସ୍ଥିତି ଅନୁଯାୟୀ ପଞ୍ଜିକା ଅବଲମ୍ବନ କରି ଫସଲର ପରିଚାଳନା କରାଇବା ।
- ପ୍ରାକୃତିକ ପଦ୍ଧତିରେ ଜୈବିକ ଔଷଧ ଏବଂ ଯନ୍ତ୍ରା (ବିଭିନ୍ନ ପ୍ରକାରର ଟ୍ରାପ) ବ୍ୟବହାର କରି ରୋଗ ପୋକ ନିୟନ୍ତ୍ରଣ କରିବା ।
- ସାମୂହିକ ବଜାରୀକରଣ ସୁନିଶ୍ଚିତ କରାଇବା

ବନ୍ଧାକୋବି



- ବିହନ - ଅନ୍ନପୂର୍ଣ୍ଣା, ଶତାବ୍ଦୀ, ମାନସ, ଗ୍ରୀନବଲ, ଗୋଲ୍ଡଷ୍ଟାର, ପ୍ରଗତି, ସେମିନିସ, ତୋକିତା, ନାମଧାରୀ, ସେଣ୍ଟୁରୀ ।
- ବିହନ ପରିମାଣ -ଏକର ପିଛା ୨୦୦ ଗ୍ରାମ ।
- ଲଗାଇବା ସମୟ - ଅଗଷ୍ଟ - ସେପ୍ଟେମ୍ବର ।
- ତଳିଘରା ପ୍ରସ୍ତୁତି - ୬ ଇଞ୍ଚ ଉଚ୍ଚତା, ୩ଫୁଟ ଚଉଡା ଏବଂ ୧୦ ଫୁଟ ଲମ୍ବା ବିଶିଷ୍ଟ ପଟି ପ୍ରସ୍ତୁତ କରନ୍ତୁ । ଗୋଟେ ଆଙ୍ଗୁଳି ବ୍ୟବଧାନରେ ଧାଡି କାଟି ମଞ୍ଜି ପକାନ୍ତୁ ଏବଂ ତାପରେ ଗୁଣ୍ଡ ନଡା/ପାଳ କୁ ପଟି ରେ ସମାନ ଭାବେ ବିଛେଇ ଦିଅନ୍ତୁ ।
- ଜମି ପ୍ରସ୍ତୁତି - ୩ ରୁ ୪ ଥର ହଳ କରନ୍ତୁ, ପ୍ରଥମ ହଳର ୭-୮ ଦିନ ପରେ ୩୦-୪୦ କ୍ୱିଣ୍ଟଲ ଗୋବର ଖତ ଏବଂ ବ୍ଲିଚିଂ ପାଉଡର ମିଶାଇ ଦ୍ୱିତୀୟ ହଳ ଏବଂ ତାର ୭-୮ ଦିନ ପରେ ମାଟିକୁ ଭଲ ସେ ଗୁଣ୍ଡ କରିବା ପାଇଁ ତୃତୀୟ ହଳ ।
- ଦୂରତା - ଗଛ କୁ ଗଛ ଏବଂ ଧାଡି କୁ ଧାଡି ୧.୫ ଘ ୧.୫ (ଫସଲ ଅବଧି ଅନୁସାରେ ଦୂରତା - ପ୍ରାରମ୍ଭିକ ଅବଧି -୧.୫ ଫୁଟ ଘ ୧ଫୁଟ, ମଧ୍ୟମ ଅବଧି ୧.୫ ଫୁଟ ଘ ୧.୫ ଫୁଟ, ଲମ୍ବା ଅବଧି ୨ଫୁଟ ଘ ୨ଫୁଟ ମଧ୍ୟରେ ଧାଡି କୁ ଧାଡି ଏବଂ ଗଛ କୁ ଗଛ ଦୂରତା ଅବଲମ୍ବନ କରନ୍ତୁ) ।
- ଜଳ ପରିଚାଳନା - ସପ୍ତାହକୁ ୨ ଥର ଜଳ ସେଚନ କରନ୍ତୁ (ମାଟିର ଆଦ୍ରତା ଅନୁସାରେ) ।
- ଖତ ସାର ପରିଚାଳନା - ପ୍ରତିରୋପଣ ସମୟରେ ୨୦୦ କି.ଗ୍ରା ଏସ.ଏସ.ପି, ୪୦ କି.ଗ୍ରା ପଟାସ ।
- ରୁଆ ର ୭-୮ ଦିନ ପରେ ଏକର ପିଛା ୪୦ କିଗ୍ରା ନାଇଟ୍ରୋଜେନ ଏବଂ ପ୍ରତ୍ୟେକ ୧୫ ଦିନରେ ବ୍ୟବଧାନରେ ୪୦ ରୁ ୫୦ କି.ଗ୍ରା ନଇଟ୍ରୋଜେନ ବ୍ୟବହାର କରନ୍ତୁ ।
- ରୋଗପୋକ ଓ ତାର ପ୍ରତିକାର - ଶୋଷକ କୀଟ ହାଣ୍ଡିଖତ ୧୫ ଲିଟର ପାଣିରେ ୪୫୦ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ / ଏକତାରା ୧୫ ଲିଟର ପାଣିରେ ୩ ଗ୍ରାମ ଔଷଧ ମିଶାଇ ସ୍ପ୍ରେ କରନ୍ତୁ, ପତ୍ରକଟା, କାଣ୍ଡବିନ୍ଧା ଏବଂ ଫଳବିନ୍ଧା ପୋକ ଆଗ୍ନେୟାସ୍ତ୍ର ୧୫ ଲିଟର ପାଣିରେ ୪୫୦ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ / ଏଭିସେଣ୍ଟ ୧୫ ଲିଟର ପାଣିରେ ୩ ଗ୍ରାମ ଔଷଧ ମିଶାଇ ସ୍ପ୍ରେ କରନ୍ତୁ, ପତ୍ରଦାଗ, ପତ୍ରପୋଡା ମହୁଲାସ୍ତ୍ର ୧୫ ଲିଟର ପାଣିରେ ୨୫୦ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ । ଆମିଷ୍ଟାର ୧୫ ଲିଟର ପାଣିରେ ୧୫ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ, ସଢା (ନର୍ସରୀ ଅବସ୍ଥା) ଆମିଷ୍ଟାର୍ ୧୫ ଲିଟର ପାଣିରେ ୧୫ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ ।
- ଅମଳ - ରୁଆ ର ୬୦-୬୫ ଦିନ ପରେ (ଫସଲ ଅବଧି ଉପରେ ନିର୍ଭର କରେ)
- ଉତ୍ପାଦନ - ଏକର ପିଛା ୧୦୦ ରୁ ୧୨୫ କ୍ୱିଣ୍ଟାଲ ।

ପ୍ରୋଗାମ ଦ୍ୱାରା ନିଆଯାଉଥିବା କିଛି ଅଭିନବ ପଦକ୍ଷେପ :

- ଉନ୍ନତ କିସମ, ଅମଳ ଦାୟୀ ଏବଂ ରୋଗ ପ୍ରତିରୋଧକ ବିହନ ଚୟନ ।
- ଆଧୁନିକ ପ୍ରଣାଳୀରେ ସାମୂହିକ ଭାବରେ ଚାରା ପ୍ରସ୍ତୁତି କରାଇବା ।
- ସ୍ଥିତି ଅନୁଯାୟୀ ପଞ୍ଜିକା ଅବଲମ୍ବନ କରି ଫସଲର ପରିଚାଳନା କରାଇବା ।
- ପ୍ରାକୃତିକ ପଦ୍ଧତିରେ ଜୈବିକ ଔଷଧ ଏବଂ ଯନ୍ତ୍ରା (ବିଭିନ୍ନ ପ୍ରକାରର ଟ୍ରାପ) ବ୍ୟବହାର କରି ରୋଗ ପୋକ ନିୟନ୍ତ୍ରଣ କରିବା ।
- ସାମୂହିକ ବଜାରୀକରଣ ସୁନିଶ୍ଚିତ କରାଇବା

ତରଭୁଜ



- ବିହନ - ଅର୍କ ଜ୍ୟୋତି, ଅଗୁଷ୍ଟା, କିରଣ ।
- ବିହନ ପରିମାଣ - ଏକର ପିଛା ୧.୨ ରୁ ୧.୫ କି.ଗ୍ରା/ଏକର ।
- ଲଗାଇବା ସମୟ - ଡିସେମ୍ବର ।
- ଜମି ପ୍ରସ୍ତୁତି - ମାଟି ଭଲ ହେବା ପର୍ଯ୍ୟନ୍ତ ୪-୫ ଥର ଜମିରେ ଭଲ ଭାବରେ ହଳ କରନ୍ତୁ ଏବଂ ଏଫ.ୟ୍ୱାଇ.ଏମ ୩ ରୁ ୪ ଟନ୍, ନିମ କେକ ୧୦୦ କି.ଗ୍ରା ଦିଅନ୍ତୁ ।
- ଦୂରତା - ପାହାଡ ମଧ୍ୟରେ ୦୯ ମିଟର ବ୍ୟବଧାନରେ ଚ୍ୟାନେଲର ଗୋଟିଏ ପାର୍ଶ୍ୱରେ ମଞ୍ଜି ବୁଣନ୍ତୁ । ୧୫ ଦିନରେ ବିହନ ୨/ପାହାଡକୁ ପତଳା କରନ୍ତୁ । ବୁଣିବାର କିଛି ଦିନ ପରେ ।
- ଜଳ ପରିଚାଳନା - ପ୍ରତି ସପ୍ତାହ କୁ ଥରେ ଜମିରେ ପାଣି ଦିଅନ୍ତୁ ।

  ଏଫୟ୍ୱାଇଏମ ସହିତ ଏକର ପିଛା ୫୦ କି.ଗ୍ରା ନାଇଟ୍ରୋଜେନ ସହିତ ୩୦ ଦିନର ବ୍ୟବଧାନ ପରେ ଆନ୍ତ ସଂସ୍କୃତି ।
- ରୋଗ ପୋକ ଓ ତାର ପ୍ରତିକାର - ସାପ୍ତାହିକ ବ୍ୟବଧାନରେ ଫଳ ଫ୍ଲାଏରେ ମାଲାଥିଅନ୍ ୫୦ଇସି ୧ ମି.ଲି /ଲି. ସ୍ପ୍ରେ କରି ବିଟୀଲ୍ସ ନିୟନ୍ତ୍ରଣ କରନ୍ତୁ । ଆବଶ୍ୟକତା ଅନୁଯାୟୀ ନିମ୍ ତେଲ ୩% ଫୋଲିୟର୍ ସ୍ପ୍ରେ ଦ୍ୱାରା ନିୟନ୍ତ୍ରିତ କରନ୍ତୁ ।
- ଅମଳ - ଲଗାଇବାର ୧୨୦ ଦିନ ପରେ ।
- ଉତ୍ପାଦନ - ଏକର ପିଛା ୮୦ ରୁ ୯୦ କ୍ୱିଣ୍ଟାଲ ।

ପ୍ରୋଗାମ ଦ୍ୱାରା ନିଆଯାଉଥିବା କିଛି ଅଭିନବ ପଦକ୍ଷେପ :

- ଉନ୍ନତ କିସମ, ଅମଳ ଦାୟୀ ଏବଂ ରୋଗ ପ୍ରତିରୋଧକ ବିହନ ଚୟନ ।
- ଆଧୁନିକ ପ୍ରଣାଳୀରେ ସାମୂହିକ ଭାବରେ ଚାରା ପ୍ରସ୍ତୁତି କରାଇବା ।
- ସ୍ଥିତି ଅନୁଯାୟୀ ପଞ୍ଜିକା ଅବଲୟନ କରି ଫସଲର ପରିଚାଳନା କରାଇବା ।
- ପ୍ରାକୃତିକ ପଦ୍ଧତିରେ ଜୈବିକ ଔଷଧ ଏବଂ ଯନ୍ତ୍ରା (ବିଭିନ୍ନ ପ୍ରକାରର ଟ୍ରାପ) ବ୍ୟବହାର କରି ରୋଗ ପୋକ ନିୟନ୍ତ୍ରଣ କରିବା ।
- ସାମୂହିକ ବଜାରୀକରଣ ସୁନିଶ୍ଚିତ କରାଇବା

ଫୁଲକୋବି



- ବିହନ - ବରଖା, ମେଘା, ଲକୀ, ଲକ୍ଷ୍ମୀ, ନୁଜିବିନ୍ଦୁ, ସେମିନିସ, ସକତା, ସିଙ୍ଗେଟା, ମାଧୁରୀ
- ବିହନ ପରିମାଣ - ଏକର ପିଛା ୨୦୦ ଗ୍ରାମ
- ଲଗାଇବା ସମୟ - ଜୁନ୍, ଅଗଷ୍ଟ, ଅକ୍ଟୋବର
- ତଳିଘରା ପ୍ରସ୍ତୁତି - ଗୁଣ୍ଡମାଟିରେ ଗୁଣ୍ଡ ଖତ ମିଶାଇ ୫ ଇଞ୍ଚ ଉଚ୍ଚତା ବିଶିଷ୍ଟ ୬ ଫୁଟ ଚଉଡା ଏବଂ ୧୦-୧୨ ଫୁଟ ଲମ୍ବା ପଟି ପ୍ରସ୍ତୁତ କରନ୍ତୁ । ୧ ଇଞ୍ଚ ବ୍ୟବଧାନ ରେ ଧାଡି କାଟି ୦.୫ ଇଞ୍ଚ ବ୍ୟବଧାନ ରେ ଧାଡିରେ ମଞ୍ଜି ପକାନ୍ତୁ ।
- ଜମି ପ୍ରସ୍ତୁତି - ୬-୭ ଥର ହଳ, ପ୍ରତି ୪-୫ ଦିନ ବ୍ୟବଧାନରେ । ୨ୟ, ୩ୟ ହଳ ସମୟରେ ପଟାସ ପ୍ରୟୋଗ କରନ୍ତୁ । ଶେଷ ହଳ ପୂର୍ବରୁ ଏକର ପିଛା ୩ ଟ୍ରିପ ଗୋବର ଖତ ମାଟିରେ ପକାନ୍ତୁ ।
- ଦୂରତା - ଗଛ କୁ ଗଛ ଏବଂ ଧାଡି କୁ ଧାଡି ୧.୫ ଘ ୧.୫ (ଫସଲ ଅବଧି ଅନୁସାରେ ଦୂରତା - ପ୍ରାରମ୍ଭିକ ଅବଧି -୧.୫ ଫୁଟ ଘ ୧ଫୁଟ, ମଧ୍ୟମ ଅବଧି ୧.୫ ଫୁଟ ଘ ୧.୫ ଫୁଟ, ଲମ୍ବା ଅବଧି ୨ଫୁଟ ଘ ୨ଫୁଟ ମଧ୍ୟରେ ଧାଡି କୁ ଧାଡି ଏବଂ ଗଛ କୁ ଗଛ ଦୂରତା ଅବଲମ୍ବନ କରନ୍ତୁ) ।
- ଜଳ ପରିଚାଳନା - ରୁଆ ର ୩ ଦିନ ଯାଏଁ ଦିନ କୁ ଥରେ ଓ ରୁଆର ୭ ଦିନ ପରଠୁ ଦିନକୁ ଥରେ ଜଳସେଚନ କରନ୍ତୁ ।
- ଖତ ସାର ପରିଚାଳନା - ପ୍ରତିରୋପଣ ସମୟରେ ୫୦ କି.ଗ୍ରା ଏସ.ଏସ.ପି, ୫୦ କି.ଗ୍ରା ପଟାସ, ୩୦-୪୦ କ୍ୱିଣ୍ଟାଲ ଏଫୟ୍ୱାଇଏମ ପ୍ରତି ଏକରକୁ । ରୁଆ ର ୭-୮ ଦିନ ପରେ ଏକର ପିଛା ୪୦ କିଗ୍ରା ନାଇଟ୍ରୋଜେନ ଏବଂ ପ୍ରତ୍ୟେକ ୧୫ ଦିନରେ ବ୍ୟବଧାନରେ ୪୦ ରୁ ୫୦ କି.ଗ୍ରା ନଇଟ୍ରୋଜେନ ବ୍ୟବହାର କରନ୍ତୁ ।
- ରୋଗପୋକ ଓ ତାର ପ୍ରତିକାର - ଶୋଷକ କୀଟ ହାଣ୍ଡିଖତ ୧୫ ଲିଟର ପାଣିରେ ୪୫୦ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ / ଏକତାରା ୧୫ ଲିଟର ପାଣିରେ ୩ ଗ୍ରାମ ଔଷଧ ମିଶାଇ ସ୍ପ୍ରେ କରନ୍ତୁ, ପତ୍ରକଟା, କାଣ୍ଡବିନ୍ଧା ଏବଂ ଫଳବିନ୍ଧା ପୋକ ଆଗ୍ନେୟାସ୍ତ୍ର ୧୫ ଲିଟର ପାଣିରେ ୪୫୦ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ/ ଏଭିସେଣ୍ଟ ୧୫ ଲିଟର ପାଣିରେ ୩ ଗ୍ରାମ ଔଷଧ ମିଶାଇ ସ୍ପ୍ରେ କରନ୍ତୁ, ପତ୍ରଦାଗ, ପତ୍ରପୋଡା ମହୁଲାସ୍ତ୍ର ୧୫ ଲିଟର ପାଣିରେ ୨୫୦ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ / ଆମିଷ୍ଟାର ୧୫ ଲିଟର ପାଣିରେ ୧୫ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ, ସଢା (ନର୍ସରୀ ଅବସ୍ଥା) ଆମିଷ୍ଟାର ୧୫ ଲିଟର ପାଣିରେ ୧୫ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ ।
- ଅମଳ - ରୁଆ ର ୫୦-୬୫ ଦିନ ପରେ କୋବି କାଟନ୍ତୁ (ଫସଲ ଅବଧି ଉପରେ ନିର୍ଭର କରେ) ।
- ଉତ୍ପାଦନ - ଏକର ପିଛା ୭୫ ରୁ ୮୦ କ୍ୱିଣ୍ଟାଲ ।

ପ୍ରୋଗାମ ଦ୍ୱାରା ନିଆଯାଉଥିବା କିଛି ଅଭିନବ ପଦକ୍ଷେପ :

- ଉନ୍ନତ କିସମ, ଅମଳ ଦାୟୀ ଏବଂ ରୋଗ ପ୍ରତିରୋଧକ ବିହନ ଚୟନ ।
- ଆଧୁନିକ ପ୍ରଣାଳୀରେ ସାମୂହିକ ଭାବରେ ଚାରା ପ୍ରସ୍ତୁତି କରାଇବା ।
- ସ୍ଥିତି ଅନୁଯାୟୀ ପଞ୍ଜିକା ଅବଲମ୍ବନ କରି ଫସଲର ପରିଚାଳନା କରାଇବା ।
- ପ୍ରାକୃତିକ ପଦ୍ଧତିରେ ଜୈବିକ ଔଷଧ ଏବଂ ଯନ୍ତ୍ର (ବିଭିନ୍ନ ପ୍ରକାରର ଟ୍ରାପ) ବ୍ୟବହାର କରି ରୋଗ ପୋକ ନିୟନ୍ତ୍ରଣ କରିବା ।
- ସାମୂହିକ ବଜାରୀକରଣ ସୁନିଶ୍ଚିତ କରାଇବା

ମଟର



- ବିହନ - ଆଗ୍ରୀଫାଉଣ୍ଡ ଲାଇଟ ରେଡ, ଆର୍କେଡ, ଜବାହାର ଏବଂ ବୋନେବିଲ୍ଲା ।
- ବିହନ ପରିମାଣ - ଏକର ପିଛା ୪୦ କି.ଗ୍ରା ।
- ଲଗାଇବା ସମୟ - ଅକ୍ଟୋବର, ନଭେମ୍ବର ।
- ଜମି ପ୍ରସ୍ତୁତି - ୩ ରୁ ୪ ଥର ହଳ କରି ମାଟିକୁ ଭଲ ଭାବରେ ଗୁଣ୍ଡ କରି ଜମି ପ୍ରସ୍ତୁତି କରନ୍ତୁ ।

  ଦୂରତା - ଧାଡି କୁ ଧାଡି ୪୫ ସେ.ମି, ଗଛ କୁ ଗଛ ୧୦ ସେ.ମି
- ଜଳ ପରିଚାଳନା - ପ୍ରତି ସପ୍ତାହରେ ଥରେ (ମାଟିର ଆଦ୍ରତା ଅନୁସାରେ) ।
- ଖତ ସାର ପରିଚାଳନା - ପ୍ରତିରୋପଣ ସମୟରେ ୩୦-୪୦ କି.ଗ୍ରା ଏଫ୍‌ୟୁଆଇଏମ୍ ଏବ ୪୦ କି.ଗ୍ରା ନାଇଟ୍ରୋଜେନ, ୩୨ କି.ଗ୍ରା ପଟାସ ଏବଂ ୨୦ କି.ଗ୍ରା ବାସାଳ ଏବଂ ୨୪ କି.ଗ୍ରା ନାଇଟ୍ରୋଜେନ ବ୍ୟବହାର କରନ୍ତୁ ।
- ରୋଗ ଓ ତାର ପ୍ରତିକାର -

  ଅମଳ -
- ଉତ୍ପାଦନ - ଏକର ପିଛା ୩୦-୩୫ କ୍ୱିଣ୍ଟାଲ ।

ପ୍ରୋଗାମ ଦ୍ୱାରା ନିଆଯାଉଥିବା କିଛି ଅଭିନବ ପଦକ୍ଷେପ :

- ଉନ୍ନତ କିସମ, ଅମଳ ଦାୟୀ ଏବଂ ରୋଗ ପ୍ରତିରୋଧକ ବିହନ ଚୟନ ।
- ସ୍ଥିତି ଅନୁଯାୟୀ ପଞ୍ଜିକା ଅବଲମ୍ବନ କରି ଫସଲର ପରିଚାଳନା କରାଇବା ।
- ପ୍ରାକୃତିକ ପଦ୍ଧତିରେ ଜୈବିକ ଔଷଧ ଏବଂ ଯନ୍ତ୍ର (ବିଭିନ୍ନ ପ୍ରକାରର ଟ୍ରାପ) ବ୍ୟବହାର କରି ରୋଗ ପୋକ ନିୟନ୍ତ୍ରଣ କରିବା ।
- ସାମୂହିକ ବଜାରୀକରଣ ସୁନିଶ୍ଚିତ କରାଇବା

ବିନ୍ନ



- ବିହନ - ଅର୍କ କୋମଳ, ଅର୍କ ସମୃଦ୍ଧି, ଅର୍କ ଅନୁପ, ସେମିନିସ-ଫାଲଗୁନି, ଶତାବ୍ଦୀ, ନାମଧାରୀ ।
- ବିହନ ପରିମାଣ - ଏକର ପିଛା ୩ ରୁ ୪ କି.ଗ୍ରା ।
- ଲଗାଇବା ସମୟ - ଅକ୍ଟୋବର - ନଭେମ୍ବର ।
- ଜମି ପ୍ରସ୍ତୁତି - ୩ ରୁ ୪ ଥର ହଳ କରି ମାଟିକୁ ଭଲ ଭାବରେ ଗୁଣ୍ଡ କରି ଜମି ପ୍ରସ୍ତୁତି କରନ୍ତୁ ।

  ଦୂରତା - ଧାଡି କୁ ଧାଡି ଏବଂ ଗଛ କୁ ଗଛ ୪୫ ଢ ୩୦ ସେ.ମି ।
- ଜଳ ପରିଚାଳନା - ପ୍ରତି ସପ୍ତହରେ ଥରେ (ମାଟିର ଆଦ୍ରତା ଅନୁସାରେ)
- ଖତ ସାର ପରିଚାଳନା -

  ରୋଗ ଓ ତାର ପ୍ରତିକାର -
- ଅମଳ
- ଉତ୍ପାଦନ - ଏକର ପିଛା ୪.୫ ରୁ ୫ ଟନ୍ ।

ପ୍ରୋଗାମ ଦ୍ୱାରା ନିଆଯାଉଥିବା କିଛି ଅଭିନବ ପଦକ୍ଷେପ :

- ଉନ୍ନତ କିସମ, ଅମଳ ଦାୟୀ ଏବଂ ରୋଗ ପ୍ରତିରୋଧକ ବିହନ ଚୟନ ।
- ସ୍ଥିତି ଅନୁଯାୟୀ ପଞ୍ଜିକା ଅବଲମ୍ବନ କରି ଫସଲର ପରିଚାଳନା କରାଇବା ।
- ପ୍ରାକୃତିକ ପଦ୍ଧତିରେ ଜୈବିକ ଔଷଧ ଏବଂ ଯନ୍ତ୍ର (ବିଭିନ୍ନ ପ୍ରକାରର ଟ୍ରାପ) ବ୍ୟବହାର କରି ରୋଗ ପୋକ ନିୟନ୍ତ୍ରଣ କରିବା ।
- ସାମୂହିକ ବଜାରୀକରଣ ସୁନିଶ୍ଚିତ କରାଇବା



Our Partner NGOs

cysd 37

harsha trust

25 Years (1992-2017) IDA
Empowering Communities Enriching Lives

Shristi
Let's Create...

SEWAK 25 YEARS

WOSCA
WOMEN'S ORGANISATION FOR SOCIO-CULTURAL AWARENESS